# NATIONAL NEWS BULLETIN (ODIA)

## 04th April - 2025

## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଶୁଭେନ୍ଦୁ କୁମାର ପଣ୍ଡା**

## ମୁଖ୍ୟ ସମ୍ବାଦ

- ସଂସଦର ଉଭୟ ଗୃହ ଅନିର୍ଦ୍ଦିଷ୍ଟ କାଳପାଇଁ ମୁଲତବୀ ଘୋଷଣା ।

— ଶେଷ ହେଲା ସଂସଦର ବଜେଟ୍ ଅଧିବେଶନ ।

- ବ୍ୟାଙ୍ଗ୍‌କକ୍‌ରେ ଅନୁଷ୍ଠିତ ଷଷ୍ଠ ବିମ୍‌ଷ୍ଟେକ୍ ଶିଖର ସମ୍ମିଳନୀରେ ଯୋଗଦେଲେ ପ୍ରଧାନମନ୍ତ୍ରୀ ।

— ଭାରତରେ ପ୍ରତିବର୍ଷ ବିମ୍‌ଷ୍ଟେକ୍ ବ୍ୟବସାୟ ସମ୍ମିଳିନୀ ଆୟୋଜନ କରିବାକୁ ଦେଲେ ପ୍ରସ୍ତାବ ।

- ଚିଲି ରାଷ୍ଟ୍ରପତିଙ୍କ ଦୁଇଦିନିଆ ବେଙ୍ଗାଲୁର ଗସ୍ତ ଆରମ୍ଭ ।

- ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ମନୋଜ କୁମାରଙ୍କ ଦେହାନ୍ତ, ଶୋକ ପ୍ରକାଶ କଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।

ଏବଂ

- ଆଇ.ପି.ଏଲ୍.ରେ ଆଉ କିଛି ସମୟ ପରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ହେବ ମୁକାବିଲା ।

## ପାର୍ଲାମେଣ୍ଟ ଆଡ୍‌ଜର୍ଣ୍ଣ

ସଂସଦର ଉଭୟ ଗୃହକୁ ଅନିର୍ଦ୍ଦିଷ୍ଟ କାଳପାଇଁ ମୁଲତବୀ ଘୋଷଣା କରାଯାଇଛି । ଏହା ସହିତ ଗତ ଜାନୁୟାରୀ ୩୧ ତାରିଖରୁ ଆରମ୍ଭ ହୋଇଥିବା ସଂସଦର ବଜେଟ୍ ଅଧିବେଶନ ଶେଷ ହୋଇଛି । ଲୋକସଭା ବାଚସ୍ପତି ଓମ୍ ବିର୍ଲା ତାଙ୍କ ସମାପନୀ ବକ୍ତବ୍ୟରେ କହିଛନ୍ତି, ଚଳିତବର୍ଷ ଜାନୁଆରୀ ୩୧ ତାରିଖରୁ ଆରମ୍ଭ ହୋଇଥିବା ବଜେଟ୍ ଅଧିବେଶନରେ ଲୋକସଭାରେ ୧୧୮ ପ୍ରତିଶତ କାର୍ଯ୍ୟଦକ୍ଷତା ରେକର୍ଡ କରାଯାଇଛି । ସେ କହିଛନ୍ତି, ଏହି ବଜେଟ୍ ଅଧିବେଶନ କାଳରେ ୧୬ଟି ବିଧେୟକ ଗୃହର ମଂଜୁରୀ ଲାଭ କରିଛି ।

ପୂର୍ବରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ରାଜ୍ୟସଭାରେ ଓ୍ୱାକଫ୍ ସଂଶୋଧନ ବିଲ୍-୨୦୨୫ ଉପରେ ୧୭ ଘଣ୍ଟାରୁ ଅଧିକ ଆଲୋଚନା ହୋଇଥିବା, ଯାହା ଇତିହାସରେ ସର୍ବାଧିକ ବୋଲି ଗୃହରେ କହିଥିଲେ । ଲୋକସଭାରେ ବିଲ୍ ଉପରେ ପ୍ରାୟ ୧୪ ଘଣ୍ଟା ଆଲୋଚନା ହୋଇଥିଲା ବୋଲି ସେ କହିଥିଲେ ।

ଆଜି ସକାଳେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଭାରତ ଉପରେ ଆମେରିକାର ଶୁଳ୍କ ଲାଗୁ ନେଇ ହଟ୍ଟଗୋଳ ସୃଷ୍ଟି ହେବାରୁ ଗୃହକାର୍ଯ୍ୟକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା । ଦ୍ୱିତୀୟ ଥର ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ, ଡିଏମ୍‌କେ ଏବଂ ଅନ୍ୟ ବିରୋଧୀ ସଦସ୍ୟମାନେ ସ୍ଲୋଗାନ ଦେବା ସହ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ ସୃଷ୍ଟି କରିଥିଲେ । ଅନ୍ୟପକ୍ଷରେ ସୋନିଆ ଗାନ୍ଧୀ ଦେଇଥିବା ମନ୍ତବ୍ୟ ଯେ ଓ୍ୱାକଫ ସଂଶୋଧନ ବିଧେୟକ ସମ୍ବିଧାନ ପ୍ରତି ଅପମାନ ପାଇଁ ଟ୍ରେଜରୀ ବେଞ୍ଚ୍ ସଦସ୍ୟମାନେ କ୍ଷମା ପ୍ରାର୍ଥନା ଦାବି କରିଥିଲେ । ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ପ୍ରଶ୍ନକାଳ ଆରମ୍ଭ କରିବା ଲାଗି ପ୍ରୟାସ କରିଥିଲେ ମଧ୍ୟ ସଫଳ ହୋଇନଥିଲେ ।

ଅନ୍ୟପକ୍ଷରେ ରାଜ୍ୟସଭାକୁ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା । ଅଧିବେଶନ ଆରମ୍ଭ ହେବା ମାତ୍ରେ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା । ପୁଣି ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ପଶ୍ଚିମବଙ୍ଗରେ ଶିକ୍ଷକ ଚୟନ ଘଟଣାକୁ ନେଇ ଟ୍ରେଜରୀ ବେଞ୍ଚ ସଭ୍ୟମାନେ ହଟ୍ଟଗୋଳ କରିଥିଲେ । ସେହି ସମୟରେ ବିଜେପି ସଦସ୍ୟ ଲକ୍ଷ୍ମୀକାନ୍ତ ବାଜପେୟୀ ପଶ୍ଚିମବଙ୍ଗରେ ୨୫ ହଜାର ଶିକ୍ଷକଙ୍କୁ ବରଖାସ୍ତ କରିବା ସଂପର୍କିତ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ଦେଖାଇଥିଲେ । ସେ କହିଥିଲେ, ଶିକ୍ଷକମାନଙ୍କ ଚୟନ କ୍ଷେତ୍ରରେ ସଂରକ୍ଷଣ

ନୀତି ଏବଂ ଅନ୍ୟାନ୍ୟ ନିୟମ ସଠିକ୍ ଭାବେ ଅନୁସରଣ କରାଯାଇ ନଥିଲା । ତୃଣମୂଳ କଂଗ୍ରେସ ସାଂସଦ ତାଙ୍କ ଅଭିଯୋଗକୁ ଖଣ୍ଡନ କରିଥିଲେ ।

## ପି.ଏମ୍. - ଥାଇଲାଣ୍ଡ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତ ନେତୃତ୍ୱରେ ବିମ୍‌ଷ୍ଟେକ୍‌ରେ' ପ୍ରତିଷ୍ଠାନ ଏବଂ ଦକ୍ଷତା ନିର୍ମାଣ ପାଇଁ ଅନେକ ପଦକ୍ଷେପ ଘୋଷଣା କରିଛନ୍ତି । ବ୍ୟାଙ୍ଗ୍‌କକ୍‌ରେ ଷଷ୍ଠ ବିମ୍‌ଷ୍ଟେକ୍ ଶିଖର ସମ୍ମିଳନୀରେ ଯୋଗଦେଇ ଶ୍ରୀ ମୋଦି କହିଛନ୍ତି, ଭାରତରେ ବିପର୍ଯ୍ୟୟ ପରିଚାଳନା, ସ୍ଥାୟୀ ସାମୁଦ୍ରିକ ପରିବହନ, ପାରମ୍ପରିକ ଔଷଧ ଏବଂ କୃଷି ଗବେଷଣା ଓ ପ୍ରିଶିକ୍ଷଣ ପାଇଁ ବିମ୍‌ଷ୍ଟେକ୍ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯିବ । ଯୁବପିଢ଼ିଙ୍କୁ ଦକ୍ଷତା ପ୍ରଦାନ କରିବାପାଇଁ ପ୍ରଧାନମନ୍ତ୍ରୀ ଏକ ନୂତନ କାର୍ଯ୍ୟକ୍ରମ ମାନବ ସମ୍ବଳ ଭିତ୍ତିଭୂମିର ସଙ୍ଗଠିତ ବିକାଶ ପାଇଁ ବିମ୍‌ଷ୍ଟେକ୍ ଶୀର୍ଷକ 'ବୋଧି' କାର୍ଯ୍ୟକ୍ରମର ଘୋଷଣା କରିଛନ୍ତି । ଏହା ଅଧୀନରେ ବୃତ୍ତିଗତ ଛାତ୍ର, ଗବେଷକ, କୂଟନୀତିଜ୍ଞ ଏବଂ ଅନ୍ୟମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବା ସହ ଛାତ୍ରବୃତ୍ତିର ବ୍ୟବସ୍ଥା କରାଯିବ । ଏହି ଅବସରରେ ପ୍ରଧାନମନ୍ତ୍ରୀ କର୍କଟ ଚିକିତ୍ସାପାଇଁ ଭାରତଦ୍ୱାରା ପାଇଲଟ୍ ଅଧ୍ୟୟନ ବିଷୟରେ ମଧ୍ୟ ସୂଚନା ଦେଇଛନ୍ତି । ଅଧିକରୁ ଅଧିକ ଆଞ୍ଚଳିକ ଆର୍ଥିକ ସମନ୍ୱୟ ଆହ୍ୱାନ କରିବାପାଇଁ ପ୍ରଧାନମନ୍ତ୍ରୀ ବିମ୍‌ଷ୍ଟେକ୍ ଚାମ୍ବର୍ସ ଅଫ୍ କମର୍ସ ପ୍ରତିଷ୍ଠା କରିବାକୁ ଆହ୍ୱାନ ଦେବା ସହ ଭାରତରେ

ପ୍ରତିବର୍ଷ ବିମ୍‌ଷ୍ଟେକ୍ ବ୍ୟବସାୟ ସମ୍ମିଳନୀ ଆୟୋଜନ କରିବାକୁ ପ୍ରସ୍ତାବ ଦେଇଛନ୍ତି ।

ଶ୍ରୀ ମୋଦି ନିକଟରେ ମ୍ୟାଁମାର ଏବଂ ଥାଇଲାଣ୍ଡ ଭୂକମ୍ପରେ ପ୍ରାଣ ହରାଇଥିବାରେ ବ୍ୟକ୍ତିମାନଙ୍କପାଇଁ ଶୋକ ପ୍ରକାଶ କରିଛନ୍ତି । ବିମ୍‌ଷ୍ଟେକ୍ ଗୋଷ୍ଠୀକୁ ସଫଳତାର ସହ ଆୟୋଜନ କରିଥିବାରୁ ସେ ତାଙ୍କର ଥାଇଲାଣ୍ଡ ପ୍ରତିପକ୍ଷ ପାଟୋଙ୍ଗଟାର୍ଣ୍ଣ ସିନାୱାତ୍ରାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଦକ୍ଷିଣ ଏବଂ ଦକ୍ଷିଣ-ପୂର୍ବ ଏସିଆ ମଧ୍ୟରେ ବିମ୍‌ଷ୍ଟେକ୍‌କୁ ଏକ ଗୁରୁତ୍ୱପୂର୍ଣ୍ଣ ସେତୁ ଭାବେ ଶ୍ରୀ ମୋଦି ଉଲ୍ଲେଖ କରିଛନ୍ତି । ଏହି ଗୋଷ୍ଠୀ ଆଞ୍ଚଳିକ ସହଯୋଗ, ସମନ୍ୱୟ ଏବଂ ପ୍ରଗତି ପାଇଁ ଏକ ପ୍ରଭାବଶାଳୀ ମଞ୍ଚ ପାଲଟିଛି ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ବିମ୍‌ଷ୍ଟେକ୍ ସାମୁଦ୍ରିକ ପରିବହନ ଚୁକ୍ତିନାମା ସ୍ୱାକ୍ଷର, ବିମ୍‌ଷ୍ଟେକ୍ ବ୍ୟାଙ୍ଗ୍‌କକ୍ ଦୂରଦୃଷ୍ଟି-୨୦୩୦କୁ ଗ୍ରହଣ ଏବଂ ବିମ୍‌ଷ୍ଟେକ୍ ବିଶିଷ୍ଟ ବ୍ୟକ୍ତିଗୋଷ୍ଠୀର ରିପୋର୍ଟକୁ ମଧ୍ୟ ପ୍ରଧାନମନ୍ତ୍ରୀ ସ୍ୱାଗତ କରିବା ସହ ଶିଖର ଘୋଷଣାନାମାକୁ ପ୍ରଧାନମନ୍ତ୍ରୀ ସମର୍ଥନ କରିଛନ୍ତି ।

ଥାଇଲାଣ୍ଡ ରହଣିକାଳରେ ଶ୍ରୀ ମୋଦି ବ୍ୟାଙ୍ଗ୍‌କକ୍‌ସ୍ଥିତ ୱାଟ ଫୋ ବୌଦ୍ଧ ମନ୍ଦିର ପରିଦର୍ଶନ କରିଥିଲେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦି ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ଶ୍ରୀ ସିନାୱାତ୍ରା ତାଙ୍କ ସହ ମନ୍ଦିର ଯାଇଥିବାରୁ ସେ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ୱାଟ୍ ଫୋ ବୌଦ୍ଧ ମନ୍ଦିର ଥାଇଲାଣ୍ଡର ସମୃଦ୍ଧ, ସାଂସ୍କୃତିକ ଏବଂ କଳାତ୍ମକ ଐତିହ୍ୟର ପ୍ରତୀକ ବୋଲି ଶ୍ରୀ ମୋଦି ଅଭିହିତ କରିଛନ୍ତି । ଭଗବାନ୍ ବୁଦ୍ଧଙ୍କ ବାଣୀ ଉଭୟ ଦେଶ ମଧ୍ୟରେ ଏକ ପୁରାତନ

ସଭ୍ୟତାର ବନ୍ଧନ ଆଧାର ଗଠନ କରେ ବୋଲି ସେ କହିଛନ୍ତି । ଥାଇଲାଣ୍ଡ ଗସ୍ତ ସଫଳତାର ସହ ଶେଷ କରିବା ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ତାଙ୍କର ଦୁଇ ରାଷ୍ଟ୍ର ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ଶ୍ରୀଲଙ୍କା ଯାତ୍ରା କରିଥିବାର ସୂଚନା ମିଳିଛି ।

## କ୍ୟାବିନେଟ୍

କ୍ୟାବିନେଟ୍ ରେଳ ମନ୍ତ୍ରଣାଳୟର ୧୮ ହଜାର ୬୫୮ କୋଟି ଟଙ୍କା ମୂଲ୍ୟର ୪ଟି ପ୍ରକଳ୍ପକୁ ଅନୁମୋଦନ କରିଛି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ପ୍ରକଳ୍ପଗୁଡ଼ିକ ୩ଟି ରାଜ୍ୟ ମହାରାଷ୍ଟ୍ର, ଓଡିଶା ଏବଂ ଛତିଶଗଡ଼ର ୧୫ଟି ଜିଲ୍ଲାକୁ ସଂଯୋଗ କରିବ । ଏହାଦ୍ୱାରା ଭାରତୀୟ ରେଳବାଇର ପରିସୀମା ୧ ହଜାର ୨୪୭ କିଲୋମିଟର ବୃଦ୍ଧି ପାଇବ । ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ସମ୍ବଲପୁର-ଝାରସୁଗୁଡ଼ା, ଝାରସୁଗୁଡ଼ା-ଶାସୋନ ତୃତୀୟ ଓ ଚତୁର୍ଥ ଲାଇନ୍, ଖରସିଆ-ନୂଆ ରାଇପୁର-ପରମାଲ୍‌କସା ପଞ୍ଚମ ଓ ଷଷ୍ଠ ଲାଇନ୍ ଏବଂ ଗୋଣ୍ଡିଆ-ବଲ୍‌ହର୍‌ଶାହ ରେଳଲାଇନ୍‌ର ଦୋହରୀକରଣ ଅନ୍ତର୍ଭୁକ୍ତ । କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଟ୍ରେନ୍ ଯାତ୍ରା ସୁଗମ ହେବା ସହ ଖର୍ଚ୍ଚ ହ୍ରାସ ଘଟିବ । ଏହା ତୈଳ ଆମଦାନୀ ଏବଂ ଅଙ୍ଗାରକାମ୍ଳ ନିର୍ଗମନକୁ ହ୍ରାସ କରିବ । ଏହି ପ୍ରକଳ୍ପ ଆରମ୍ଭ ହେବାଦ୍ୱାରା ୩ ଶହ ଅଣାଅଶୀ ଲକ୍ଷ

ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ମନ୍ତ୍ରୀ କହିଛନ୍ତି । କ୍ୟାବିନେଟ୍ ଶତ ପ୍ରତିଶତ କେନ୍ଦ୍ରୀୟ ପାଣ୍ଠି ସହ ଆଦର୍ଶ ଗ୍ରାମ କାର୍ଯ୍ୟକ୍ରମ-୨କୁ ମଧ୍ୟ ଅନୁମୋଦନ କରିଛି, ଯାହାର ବ୍ୟୟ ଅଟକଳ ରହିଛି ୬ ହଜାର ୮୩୯ କୋଟି ଟଙ୍କା ।

## ଲେବର ମିନିଷ୍ଟ୍ରୀ - ଫାଇନାନ୍ସ ଆସିଷ୍ଟାନ୍ସ

ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ବିଡ଼ି, ଚଳଚ୍ଚିତ୍ର ଉଦ୍ୟୋଗ ଏବଂ ଅଣକୋଇଲା ଖଣି ଶ୍ରମିକମାନଙ୍କ ପିଲାମାନଙ୍କ ଶିକ୍ଷା କ୍ଷେତ୍ରରେ ଆର୍ଥିକ ସହାୟତା ପ୍ରଦାନ କରିଛି । ୨୦୨୪-୨୫ ଆର୍ଥିକ ବର୍ଷରେ ଏକ୍ଷେତ୍ରରେ ଛାତ୍ରବୃତ୍ତି ପାଇଁ ଆବେଦନ କରିଥିବା ୯୨ରୁ ଅଧିକ ପିଲାଙ୍କୁ ୩୨ କୋଟି ୫୧ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦିଆଯାଇଛି । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଶ୍ରମିକ କଲ୍ୟାଣ ଯୋଜନା ଅଧୀନରେ ପିଲାମାନଙ୍କ ସ୍କୁଲ୍, କଲେଜ ଏବଂ ବୃତ୍ତିଗତ ଶିକ୍ଷାରେ ପ୍ରତିବର୍ଷ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କପାଇଁ ୨୫ ହଜାରର ସହାୟତା ରାଶି ପ୍ରଦାନ କରାଯାଉଛି । ଏହି ଯୋଜନା ଜାତୀୟ ଛାତ୍ରବୃତ୍ତି ପୋର୍ଟାଲ୍ ମାଧ୍ୟମରେ ପ୍ରଦାନ କରାଯାଉଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ଚିଲି ପ୍ରେସିଡେଣ୍ଟ

ଚିଲିର ରାଷ୍ଟ୍ରପତି ଗାବ୍ରିଏଲ୍ ବୋରିକ ଫଣ୍ଟ ଆଜି ଦୁଇଦିନିଆ କର୍ଣ୍ଣାଟକ ଗସ୍ତରେ ଆସି ବେଙ୍ଗାଲୁରୁରେ ପହଞ୍ଚିଛନ୍ତି । ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଦୀନେଶ ଗୁଣ୍ଡୁ ରାଓ ଚିଲି ରାଷ୍ଟ୍ରପତିଙ୍କୁ ଆଜି ଅପରାହ୍ଣରେ ସ୍ୱାଗତ କରିଥିଲେ । ଏହି ଗସ୍ତ ସମୟରେ ରାଷ୍ଟ୍ରପତି ମୁଖ୍ୟମନ୍ତ୍ରୀ ସିଦ୍ଧ ରମୈୟା ଏବଂ ରାଜ୍ୟପାଳ ଥାୱରଚାନ୍ଦ ଗେହଲଟ୍‌ଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିବାର କାର୍ଯ୍ୟସୂଚୀ ରହିଛି । ଶ୍ରୀ ଫଣ୍ଟ୍ ବେଙ୍ଗାଲୁରୁସ୍ଥିତ ଚମନ ଭାରତୀୟ ବିଦ୍ୟାଳୟ  ପରିଦର୍ଶନ କରି ଛାତ୍ରଛାତ୍ରୀମାନଙ୍କ ସହ ଭାବବିନିମୟ କରିବାର କାର୍ଯ୍ୟକ୍ରମ ମଧ୍ୟ ରହିଛି । ଆସନ୍ତାକାଲି ରାଷ୍ଟ୍ରପତି ଶ୍ରୀ ଫଣ୍ଟ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି ।

## ମନୋଜ କୁମାର

ବଲିଉଡ୍‌ର ବର୍ଷିୟାନ୍ ଅଭିନେତା ମନୋଜ କୁମାରଙ୍କ ୮୭ବର୍ଷ ବୟସରେ ପରଲୋକ ହୋଇଛି । ମୁମ୍ବାଇର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଛି । ମନୋଜ କୁମାର ଭାରତ କୁମାର ନାମରେ ବେଶ୍ ଲୋକପ୍ରିୟ ଥିଲେ । ୧୯୯୨ ମସିହାରେ ପଦ୍ମଶ୍ରୀ ଏବଂ ଦାଦାସାହେବ ଫାଲକେ ସମ୍ମାନରେ ତାଙ୍କୁ ସମ୍ମାନିତ କରାଯାଇଥିଲା ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌ଖଡ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ରେ ମୋଦି ପ୍ରମୁଖ ଏହି କିମ୍ବଦନ୍ତୀ ଅଭିନେତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି ।

## ମହା ଆକ୍ସିଡେଣ୍ଟ

ମହାରାଷ୍ଟ୍ରର ନାନ୍ଦେଡ୍ ଜିଲ୍ଲାରେ ସଡ଼କ ଦୁର୍ଘଟଣାରେ ୭ ଜଣ ମହିଳା ଶ୍ରମିକଙ୍କ ମୃତ୍ୟୁକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଶୋକ ପ୍ରକାଶ କରିଛନ୍ତି । ମୃତକଙ୍କ ନିକଟ ଆତ୍ମୀୟ ସ୍ୱଜନଙ୍କ ପାଇଁ ୨ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିବା ସହ ଆହତମାନଙ୍କ ଚିକିତ୍ସା ପାଇଁ ୫୦ ହଜାର ଟଙ୍କା ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବୀଶ ଦୁର୍ଘଟଣାରେ ଶୋକ ପ୍ରକାଶ କରି ମୃତକ ପରିବାରପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ମଧ୍ୟ ଘୋଷଣା କରିଛନ୍ତି ।  ସୂଚନାଯୋଗ୍ୟ, ଆଜି ପ୍ରତ୍ୟୁଷରେ ଶ୍ରମିକମାନଙ୍କୁ ନେଇ ଯାଉଥିବା ଏକ ଟ୍ରାକ୍ଟର ଏକ କୂଅରେ ଖସି ପଡ଼ିବାରୁ ୭ ଜଣ ମହିଳା ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା । ଦୁର୍ଘଟଣା ସ୍ଥଳରୁ ୨ ଜଣ ମହିଳା ଏବଂ ଜଣେ ପୁରୁଷ ଶ୍ରମିକଙ୍କ ଆହତ ଅବସ୍ଥାରେ ଉଦ୍ଧାର କରାଯାଇଛି ।

# ଆଇ.ପି.ଏଲ୍.

ଆଇ.ପି.ଏଲ୍.ରେ ଆଉ କିଛି ସମୟ ପରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମୁକାବିଲା ହେବ । ଲକ୍ଷ୍ନୌର ଏକ୍‌ନା କ୍ରିକେଟ୍ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ଗତ ସନ୍ଧ୍ୟାରେ କୋଲକାତାର ଇଡେନ୍ ଗାର୍ଡେନ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ୍ ୮୦ରନ୍‌ରେ ସନ୍‌ରାଇଜର୍ସ୍ ହାଇଦ୍ରାବାଦ୍‌କୁ ପରାସ୍ତ କରିଥିଲା ।

*****